# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**18 March - 2024**

**News Editor : *Tapan Kumar Moharana***

**********************************

## ମୁଖ୍ୟ ସମ୍ବାଦ

- ନିର୍ବାଚନ ବଣ୍ଡ୍ ସମ୍ବନ୍ଧିତ ସମସ୍ତ ତଥ୍ୟ ଆସନ୍ତା ଗୁରୁବାର ସୁଦ୍ଧା ଦାଖଲ କରିବା ପାଇଁ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କକୁ ସର୍ବୋଚ୍ଚ ନ୍ୟାୟାଳୟ ଦେଲେ ନିର୍ଦ୍ଦେଶ

- କଟକ ବାରବାଟୀ ବିଧାୟକ ମହମ୍ମଦ ମୋକିମ୍‌ଙ୍କ ନିର୍ବାଚନ ଅସିଦ୍ଧ ଘୋଷଣା ହାଇକୋର୍ଟଙ୍କ ରାୟ ଉପରେ ରହିତାଦେଶ ଜାରି କଲେ ସୁପ୍ରିମ୍‌କୋର୍ଟ

- ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କର ଅଧ୍ୟକ୍ଷତାରେ ଭୁବନେଶ୍ୱରରେ ନିର୍ବାଚନୀ ସମ୍ବନ୍ଧୀୟ ବୈଠକ ଅନୁଷ୍ଠିତ

ଏବଂ

- ଗୁରୁଚାପର ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷାର ସମ୍ଭାବନା ଅନୁମାନ କଲା ପାଣିପାଗ ବିଭାଗ

## ନିର୍ବାଚନ ବଣ୍ଡ ମାମଲା

ନିର୍ବାଚନ ବଣ୍ଡ୍ ସହ ଜଡ଼ିତ ସମ୍ପୂର୍ଣ୍ଣ ବିବରଣୀ ଆସନ୍ତା ଗୁରୁବାର ସୁଦ୍ଧା ପ୍ରଦାନ କରିବାକୁ ସୁପ୍ରିମକୋର୍ଟ ଭାରତୀୟ ଷ୍ଟେଟ୍ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼୍, ନିର୍ବାଚନ ବଣ୍ଡ୍ ସହିତ ଜଡ଼ିତ ସମସ୍ତ ତଥ୍ୟ ଦେବାକୁ କହିଛନ୍ତି। ଏସ୍‌ବିଆଇ ଜମା କରିଥିବା ନିର୍ବାଚନୀ ବଣ୍ଡ ବିବରଣୀ ଅସମ୍ପୂର୍ଣ୍ଣ ଦର୍ଶାଇ ୫ ଜଣିଆ ଖଣ୍ଡପୀଠ ପୂର୍ବରୁ ବ୍ୟାଙ୍କକୁ ନୋଟିସ୍ ଜାରି କରିଥିଲେ ଏବଂ ଆଜି ଏ ସମ୍ପର୍କରେ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଥିଲା। ସର୍ବୋଚ୍ଚ ଅଦାଲତ ଚଳିତ ମାସ ମାର୍ଚ୍ଚ ୧୧ ତାରିଖରେ ଦେଇଥିବା ନିର୍ଦ୍ଦେଶ ଅନୁସାରେ ଷ୍ଟେଟ୍‌ବ୍ୟାଙ୍କକୁ ଇଲେକ୍‌ଟୋରାଲ ବଣ୍ଡ୍ ଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ, କ୍ରୟ ତାରିଖ, କ୍ରେତାଙ୍କ ନାମ, ବଣ୍ଡ ନମ୍ବର ଏବଂ ଅର୍ଥଗ୍ରହଣ କରିଥିବା ଦଳ ସମ୍ପର୍କରେ ସୂଚନା ଦେବାକୁ କହିଥିଲେ।

## ମହମ୍ମଦ ମୋକିମ-ସୁପ୍ରିମକୋର୍ଟ

ବାରବାଟୀ କଟକ ବିଧାୟକ ମହମ୍ମଦ ମୋକିମ୍‌ଙ୍କ ନିର୍ବାଚନକୁ ଓଡ଼ିଶା ହାଇକୋର୍ଟ ଅସିଦ୍ଧ ଘୋଷଣା କରିବା ନିଷ୍ପତ୍ତି ଉପରେ ସୁପ୍ରିମକୋର୍ଟ ରହିତାଦେଶ ଜାରି କରିଛନ୍ତି। ସୂଚନାଯୋଗ୍ୟ, ଗତ ୨୦୧୯ ନିର୍ବାଚନରେ ଶ୍ରୀ ମୋକିମ୍‌ଙ୍କଠାରୁ ପରାସ୍ତ ହୋଇଥିବା ପୂର୍ବତନ ବିଧାୟକ ଦେବାଶିଷ୍ ସାମନ୍ତରାୟଙ୍କ ପକ୍ଷରୁ ସତ୍ୟପାଠରେ ଭୁଲ୍ ତଥ୍ୟ ଦିଆଯାଇଥିବା ଦର୍ଶାଇ ସେ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ଏହି ନିର୍ବାଚନକୁ ଓଡ଼ିଶା

ହାଇକୋର୍ଟ ଅସିଦ୍ଧ ଘୋଷଣା କରିବା ପରେ ଶ୍ରୀ ମୋକିମ୍ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

## ପୁଲିସ ନିର୍ବାଚନୀ ସମୀକ୍ଷା ବୈଠକ

ପୁଲିସ ମହାନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆଜି ଭୁବନେଶ୍ୱର ଠାରେ ଏକ ନିର୍ବାଚନୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତିକୁ ନେଇ ହୋଇଥିବା ଏହି ବୈଠକରେ ପୁଲିସ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ଗୁଇନ୍ଦା ବିଭାଗର ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇନଶୃଙ୍ଖଳା ବିଭାଗର ଏଡିଜି ସଞ୍ଜୟ କୁମାରଙ୍କ ସହିତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଯୋଗ ଦେଇଥିଲେ । ବୈଠକରେ ସବୁ ସମସ୍ତ ଜିଲ୍ଲାର ଏସ୍‌ପି ମାନେ ଅନ୍‌ଲାଇନ୍ ଜରିଆରେ ସାମିଲ ହୋଇଥିଲେ । ଆଜି ଅନୁଷ୍ଠିତ ସମୀକ୍ଷା ବୈଠକ ପରେ ଗଣମାଧ୍ୟମକୁ ପୁଲିସ ମହାନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀ କହିଛନ୍ତି ।

ପଡୋଶୀ ରାଜ୍ୟରୁ ଟଙ୍କା, ନିଶାଦ୍ରବ୍ୟ ଚାଲାଣ ହେବାର ସମ୍ଭାବନା ରହିଛି । ତେଣୁ ସୀମାବର୍ତ୍ତୀ ଜିଲ୍ଲାର ଏସ୍‌ପିମାନଙ୍କୁ ଏ ଦିଗରେ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେ କହିଛନ୍ତି, ନକ୍ସଲପ୍ରବଣ ଅଞ୍ଚଳରେ ଥିବା ଜିଲ୍ଲାଗୁଡ଼ିକରେ ରାତ୍ରିକାଳିନ ପାଟ୍ରୋଲିଂ ବୃଦ୍ଧି କରାଯିବା ସହ ଗାଡିମଟର ଯାଞ୍ଚ କରାଯାଉଛି । ନିର୍ବାଚନ ସମୟରେ ସାମାଜିକ ଗଣମାଧ୍ୟମ ଉପରେ ମଧ୍ୟ ସବିଶେଷ ନଜର ରଖାଯିବ ବୋଲି ଡିଜି ଶ୍ରୀ ଷଡଙ୍ଗୀ କହିଛନ୍ତି ।

**- V/O -**

## ନିର୍ବାଚନ କମିଶନଙ୍କ କାର୍ଯ୍ୟାନୁଷ୍ଠାନ

ନିର୍ବାଚନ କମିଶନ ୬ଟି ରାଜ୍ୟର ଗୃହ ସଚିବଙ୍କୁ କାର୍ଯ୍ୟଭାରରୁ ଅପସାରଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଗୁଜୁରାଟ, ଉତ୍ତରପ୍ରଦେଶ, ବିହାର, ଝାଡଖଣ୍ଡ, ହିମାଚଳପ୍ରଦେଶ ଓ ଉତ୍ତରାଖଣ୍ଡର ଗୃହସଚିବମାନଙ୍କ ଉପରେ ଆୟୋଗ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହାସହ ପଶ୍ଚିମବଙ୍ଗର ପୁଲିସ୍ ମହାନିର୍ଦ୍ଦେଶକଙ୍କ ସମେତ ମିଜୋରାମ ଓ ହିମାଚଳପ୍ରଦେଶର ସାଧାରଣ ପ୍ରଶାସନ ବିଭାଗର ସଚିବଙ୍କୁ ମଧ୍ୟ କାର୍ଯ୍ୟରୁ ଅପସାରିତ କରିଛନ୍ତି। ନିର୍ବାଚନ ଆୟୋଗ ମୁମ୍ବାଇ ମହାନଗର ନିଗମର କମିଶନର, ଅତିରିକ୍ତ କମିଶନର ତଥା ଡେପୁଟୀ କମିଶନରଙ୍କୁ ମଧ୍ୟ କାର୍ଯ୍ୟରୁ ଅପସାରିତ କରିଛନ୍ତି।

## ପୁରୀ ଶ୍ରୀମନ୍ଦିର ଡିପୋଜିଟ୍

ପୁରୀ ଶ୍ରୀମନ୍ଦିରରକୁ ବିଭିନ୍ନ ସୂତ୍ରରୁ ମିଳିଥିବା ଆର୍ଥିକ ଆୟ ମଧ୍ୟରୁ ୩୯ କୋଟି ୨୧ ଲକ୍ଷ ଟଙ୍କା ପ୍ରଶାସନ ପକ୍ଷରୁ ବ୍ୟାଙ୍କରେ ଜମା କରାଯାଇଛି । ୭ ଦଶମିକ ୮/ଶୂନ ପ୍ରତିଶତ ସୁଧ ହାରରେ କାନାରା ବ୍ୟାଙ୍କରେ ୩୬ କୋଟି ୩ ଲକ୍ଷ ଟଙ୍କା ଜମା କରାଯାଇଛି। ସେହିଭଳି ୭ ଦଶମିକ ୫/୫ ସୁଧ ହାରରେ ବ୍ୟାଙ୍କ ଅଫ ବରୋଦା ଜମା କରାଯାଇଥିବା ସମ୍ବାଦ ଆମର ହସ୍ତଗତ ହୋଇଛି।

## ନିର୍ବାଚନ-କେନ୍ଦ୍ରାପଡା

ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ହେବ। କେନ୍ଦ୍ରାପଡା ଜିଲ୍ଲାରେ ଅନ୍ତିମ ପର୍ଯ୍ୟାୟରେ ଜୁନ୍ ୧ ତାରିଖରେ ଭୋଟ ନିଆଯିବ।

କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନର ସୂଚନା ଅନୁସାରେ ଆସନ୍ତା ମେ’ ମାସ ୧୪ ତାରିଖ ନାମାଙ୍କନ ପତ୍ର ଦାଖଲର ଶେଷ ଦିନ। ନାମାଙ୍କନ ପତ୍ର ଯାଞ୍ଚ ଏବଂ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ମେ’ ୧୮ ତାରିଖ ଦିନ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଜିଲ୍ଲାର ୫ଟି ବିଧାନସଭା କ୍ଷେତ୍ର ମଧ୍ୟରୁ କେନ୍ଦ୍ରାପଡାରେ ସର୍ବାଧିକ ଭିନ୍ନକ୍ଷମ ଭୋଟର ଅଛନ୍ତି। ଜିଲ୍ଲାରେ ମୋଟ ୧୩ ହଜାର ୨୫୩ ଜଣ ଭିନ୍ନକ୍ଷମ ଭୋଟର ଅଛନ୍ତି।

ଅନ୍ୟପକ୍ଷରେ ଜିଲାରେ ୮୫ ବର୍ଷରୁ ୧୨୦ ବର୍ଷ ବୟସ୍କ ଭୋଟରଙ୍କ ସଂଖ୍ୟା ୨୦ ହଜାର ୪୧୮ ଥିବା ଜଣାପଡିଛି। ପାଟପୁର ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୪ ହଜାର ୫୭୩ ଜଣ ବୟସ୍କ ଭୋଟର ଥିବା ପ୍ରଶାସନ ତରଫରୁ କୁହାଯାଇଛି। ୨୦୧୯ ନିର୍ବାଚନ ତୁଳନାରେ କେନ୍ଦ୍ରାପଡା ଜିଲ୍ଲାରେ ଚଳିତ ବର୍ଷ ୮୫ ହଜାର ୪୭୦ ନୂଆ ଭୋଟର ମତଦାନ ସାବ୍ୟସ୍ତ କରିବେ।

## ମତଦାନ-ପୁରୀ

ପୁରୀ ଜିଲ୍ଲାରେ ୨୦୧୯ ସାଧାରଣ ନିର୍ବାଚନ ଅପେକ୍ଷା ଚଳିତ ସାଧାରଣ ନିର୍ବାଚନରେ ୫୧ ହଜାର ୩୯୯ ଜଣ ଅଧିକ ମତଦାତା ରହିଥିବା ଜଣାପଡିଛି। ୨୦୧୯ରେ ମୋଟ ଭୋଟରଙ୍କ ସଂଖ୍ୟା ୧୩ ଲକ୍ଷ ୫୪ ହଜାର ୨୫୫ ଥିବାବେଳେ ୨୦୨୪ ନିର୍ବାଚନରେ ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଇଁ ୧୪ ଲକ୍ଷ ୫ ହଜାର ୬୫୪ ରହିଛି। ଜିଲ୍ଲାର ପ୍ରତ୍ୟେକ ମତଦାତା ନିଶ୍ଚିତ ଭାବେ ମତଦାନ କରିବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

## ଫ୍ଲାଗ୍‌ମାର୍ଚ୍ଚ-ବୌଦ୍ଧ

ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଅନ୍ତର୍ଗତ ଛତ୍ରଙ୍ଗ ଅଞ୍ଚଳରେ ଜିଲ୍ଲା ପୁଲିସ୍ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି । ଆସନ୍ତା ସାଧାରଣ ନିର୍ବାଚନରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପୁଲିସ୍ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି । ଏହି ଫ୍ଲାଗ୍‌ମାର୍ଚ୍ଚରେ ବିଏସ୍‌ଏଫ୍ ଯବାନଙ୍କ ସମେତ ଜିଲ୍ଲା ପୁଲିସ୍‌ର ଅଧିକାରୀମାନେ ସାମିଲ ହୋଇଥିଲେ । ଜିଲ୍ଲାରେ ମାଓ ଗତିବିଧିକୁ ଦୃଷ୍ଟିରେ ରଖି ୬୮ଟି ମାଓ ପ୍ରବଣ ବୁଥ୍ ଚିହ୍ନଟ କରାଯାଇଥିବାବେଳେ ୧୦ଟି ଜରୁରୀକାଳିନ ସ୍ଥିତିକୁ ମୁକାବିଲା କରିବାକୁ ୧୦ଟି ଅସ୍ଥାୟୀ ହେଲିପ୍ୟାଡ୍ ନିର୍ମାଣ ହୋଇଛି ବୋଲି ଜିଲ୍ଲା ଏସ୍‌ପି କହିଛନ୍ତି ।

ଅନୁରୂପ ଭାବେ ଭଦ୍ରକରେ ମଧ୍ୟ ଜିଲ୍ଲା ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ ଅନୁଷ୍ଠିତ ହୋଇଥିଲା । ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ପରିଚାଳନା କ୍ଷେତ୍ରରେ ଜନସାଧାରଣଙ୍କୁ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକ ସହଯୋଗ କାମନା କରିଥିଲେ ।

## ମତଦାନ-ଜଗତ୍‌ସିଂହପୁର

ଜଗତ୍‌ସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ୪ଟି ନିର୍ବାଚନମଣ୍ଡଳୀରେ ମୋଟ ୧ ହଜାର ୪୭ଟି ବୁଥ୍ କରାଯିବ । ସେଥିମଧ୍ୟରୁ ୨୧୦ଟି ଆଦର୍ଶ ମତଦାନ କେନ୍ଦ୍ର କରିବା ଲାଗି ନିଷ୍ପତ୍ତି ହୋଇଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ସେହିପରି ୧୩୧ଟି ସଖୀ ବୁଥ୍, ୮ଟି ଯୁବ ଓ ୨ଟି ଦିବ୍ୟାଙ୍ଗ ବୁଥ୍ କରାଯାଇଛି । ସଖୀ ବୁଥ୍‌ରେ ମହିଳା କର୍ମଚାରୀ, ୮ଟି

ଯୁବ ବୁଥରେ ୩୦ବର୍ଷରୁ କମ୍ ଯୁବ କର୍ମଚାରୀ ଓ ଦିବ୍ୟାଙ୍ଗ ବୁଥ୍‌ରେ ଦିବ୍ୟାଙ୍ଗ କର୍ମଚାରୀ ନିୟୋଜିତ କରିବା ପାଇଁ ନିଷ୍ପତ୍ତି ହୋଇଛି। ମୋଟ ୧ ହଜାର ୪୭ଟି ବୁଥ୍ ମଧ୍ୟରୁ ୯୮୯ଟି ବୁଥ୍ ଗ୍ରାମାଞ୍ଚଳରେ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବାବେଳେ ୭୯ଟି ସହରାଞ୍ଚଳରେ କରାଯିବ।

## ନିର୍ବାଚନ ପରିଚାଳନା

ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ରାଜନୈତିକ ଦଳ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ସାଧାରଣ ନିର୍ବାଚନକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାର ପ୍ରାୟ ୧୩ ଲକ୍ଷ ୨୩ ହଜାର ୧୬୨ ଜଣ ନାଗରିକ ମତଦାନ ସାବ୍ୟସ୍ତ କରିବେ। ୩୨ ହଜାର ୧୩୧ ଜଣ ନୂତନ ଭୋଟର ଏଥର ଜିଲ୍ଲାରେ ମତଦାନ କରିବେ। ଏଥିପାଇଁ ୧ ହଜାର ୫୪୮ଟି ମତଦାନ କେନ୍ଦ୍ରର ବ୍ୟବସ୍ଥା କରାଯାଇଥିବା ଜିଲ୍ଲାପାଳ କହିଛନ୍ତି।

# ପାଣିପାଗ

ଓଡ଼ିଶା ଉପକୂଳ ସଂଲଗ୍ନ ବଙ୍ଗୋପସାଗରରେ ଗୁରୁଚାପ ବଳୟ ରହୁଥିବାରୁ ବାୟୁମଣ୍ଡଳର ମଧ୍ୟଭାଗରୁ ଉପରଭାଗ ମଧ୍ୟରେ ନିମ୍ନଚାପରେଖା ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତାକାଲିଠାରୁ କେତେକ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଥିବା ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେହିସବୁ ଅଞ୍ଚଳରେ ଘଣ୍ଟା ପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବାର ପୂର୍ବାନୁମାନ କରାଯାଇଛି । ଆସନ୍ତା ୨୧

ତାରିଖ ଯାଏଁ କାଳବୈଶାଖୀର ପ୍ରଭାବ ରହିବ ବୋଲି ମଧ୍ୟ ସୂଚନା ଦିଆଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ବଲାଙ୍ଗିର, ରାୟଗଡ଼, ନବରଙ୍ଗପୁର, ଅନୁଗୁଳ, ନୟାଗଡ଼, ଢେଙ୍କାନାଳ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ଥିବାରୁ ଅରେଞ୍ଜ ଓ୍ବାର୍ଣ୍ଣିଂ ଏବଂ କଟକ, ଗଞ୍ଜାମ ଓ ଖୋର୍ଦ୍ଧା ଜିଲ୍ଲାରେ ବର୍ଷାର ସମ୍ଭାବନା ଥିବାରୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ଓ୍ବାର୍ଣ୍ଣିଂ ଜାରି କରାଯାଇଛି ।

*********************************